# Akashvani, Sambalpur

## SAMBALPURI NEWS EVENING BULLETIN

## 1 October 2023- 7.02 pm- 7.12 pm.

*********************************************

### ମୁଖିଆ ଖବର୍

୧- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଆହ୍ୱାନ୍‌ଥି ସାରା ଦେଶେ ପାଳିତ୍ ହେଲା ସ୍ୱଚ୍ଛତା ହିଁ ସେବା ଅଭିଯାନ୍ ।

୨- ଦେଶେ ଜିଏସ୍‌ଟି ସଂଗ୍ରହଥି ରେକର୍ଡ୍ ।

- ଗଲାବଛର୍ ସେପ୍ଟେମ୍ବର୍‌ନୁ ଇବଛର୍ ସେପ୍ଟେମ୍ବର୍ ମାସେ ବଢ଼ିଛେ ୧୦ ପ୍ରତିଶତ୍ ।

୩- ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ୍ ଦିବସ୍ ଅବ୍‌ସରେ ଭିନ୍ ଭିନ୍ ଠାନେ ହେଇଯାଇଛେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍ ।

ଆଉର୍

୪- ଲଘୁଚାପ୍ ପ୍ରଭାବ୍‌ଥି ରାଏଜେ ଲାଗି ରହିଛେ ବର୍ଷା ।

-ଆଏବା ୨୪ ଘଂଟା ଭିତ୍‌ରେ ଜବର୍ ବର୍ଷା ସମ୍ଭାବନା ଥିବାର୍‌ନୁ ୭ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି ।

ପ୍ରଧାନ୍‌ମନ୍ତ୍ରୀ - ଶ୍ରମଦାନ ଅଭିଯାନ୍        ଆର୍‌ଏନ୍‌ୟୁ

କଟକ୍/ ସମ୍ବଲପୁର୍/ ଝାର୍‌ସୁଗୁଡ଼ା/ ନୂଆପଡ଼ା/ ଦେବ୍‌ଗଡ଼୍/ ସୁବର୍ଣ୍ଣପୁର୍/ କଲାହାଣ୍ଡି/ ବର୍‌ଗଡ଼୍/ ବୌଦ୍ଧ/ ବଲାଙ୍ଗିର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ସାରା ଦେଶେ ହେଇଥିବା ସ୍ୱଚ୍ଛତା ହିଁ ସେବା ମହା ଅଭିଯାନ୍‌ର ନେତୃତ୍ୱ ନେଇଛନ୍ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଆହ୍ୱାନ୍ '୧ ତାରିଖ୍, ୧ ଘଂଟା, ଏକ୍ ସାଥ୍' କେ ସମର୍ଥନ୍ ଜନେଇକରି ଦେଶର୍ ଭିନ୍ ଭିନ୍ ଜାଗାନ ସ୍ୱଚ୍ଛତା ହିଁ ସେବା ଅଭିଯାନ୍ ଆୟୋଜିତ୍ ହେଇଯାଇଛେ । ଇ ଉଲ୍‌ଗୁନେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ୍ ଆଉ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ଦିଲ୍ଲୀ ବିଶ୍ୱବିଦ୍ୟାଳୟର୍ ନର୍ଥ କେମ୍ପସ୍, ଡକ୍ଟର୍ ଜି.ସି. ନାରଙ୍ଗ୍ ମାର୍ଗ ଆଉ ଶ୍ରେୟା ମିଶ୍ର ମାର୍ଗ ନ ବିଶ୍ୱବିଦ୍ୟାଳୟର୍ ଛାତ୍ରଛାତ୍ରୀ, ପ୍ରଧାପକ, କର୍ମଚାରୀ, ସଫେଇ କର୍ମଚାରୀ ଆଉ ସାଧାରଣ ନାଗରିକଙ୍କର୍ ସହେତେ ସ୍ୱଚ୍ଛତାର୍ ଲାଗି ୧ ଘଂଟା ସାମୂହିକ୍ ଶ୍ରମଦାନ୍ କରିଥିଲେ । ଶ୍ରୀ ପ୍ରଧାନ୍ ଇ ଅବ୍‌ସରେ କହିଛନ୍ ଯେ, ଦେଶ୍‌କେ ସ୍ୱାଧୀନତା ଦେବାର୍‌ଥି ମୁଖିଆ ଭୂମିକା ନେଇଥିବାର୍ ଜାତିର ଜନକ ମହାତ୍ମା ଗାନ୍ଧୀ ଆଉ ଲାଲ୍‌ବାହାଦୂର୍ ଶାସ୍ତ୍ରୀଙ୍କର୍ ଆଏବା କାଏଲ୍ ଜୟନ୍ତୀ ପାଲନ୍ ହେବା । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର୍ ନାଗରିକ୍ ମାନ୍‌କୁ ନିଜର୍ ନିଜର୍ ଅଂଚଲ୍ ନ ସ୍ୱଚ୍ଛତା ରକ୍ଷାର୍ ଲାଗି ଘଂଟେ ଶ୍ରମଦାନ୍ କର୍‌ବାର୍‌କେ ଆହ୍ୱାନ୍ ଦେଇଥିଲେ । ଇଟା

ପ୍ରଧାନ୍‌ମନ୍ତ୍ରୀଙ୍କର୍ ନେତୃତ୍ୱଥି ସ୍ୱଚ୍ଛ ଭାରତ୍‌କେ ଜନ ଆନ୍ଦୋଲନ୍‌ର ରୂପ ଦେବାର୍ ଲାଗି ଅନନ୍ୟ ପ୍ରୟାସ୍ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଇ ଅବ୍‌ସରେ ସେଚ୍ଛାକୃତ ସଫେଇ କାର୍ଯ୍ୟକ୍ରମ୍ ହେଇଥିଲା । ସମ୍ବଲ୍‌ପୁର୍‌ର ଚନ୍ଦ୍ରଶେଖର୍ ବେହେରା ଜିଲ୍ଲାସ୍କୁଲ୍ ଛକ ଠାନୁ ଡକ୍ଟର୍ ନେଲ୍‌ସନ୍ ମଣ୍ଡେଲା ଛକ୍‌ତକ୍ ବହୁତ୍‌ଟେ ଛାତ୍ରଛାତ୍ରୀ ଆଉ ଶିକ୍ଷକ ଶିକ୍ଷୟତ୍ରୀ ରେଲି କର୍‌ବାର୍ ସହେତେ ଆବର୍ଜନା ସଫା କରିଥିଲେ ଆଉ ସଚେତନତାର୍ ଲାଗି ନାଟକ୍ ପ୍ରଦର୍ଶନ୍ କରିଥିଲେ । ମହାନଗର୍ ନିଗମ୍ ଆଉ ସମ୍ବଲ୍‌ପୁର୍ ରେଲ୍‌ମଣ୍ଡଲ୍‌ର ସ୍ୱଚ୍ଛତା ହିଁ ସେବା ଅଭିଯାନ୍‌ଥି ହୀରାକୁଦ୍ ଡେମ୍‌ର ରାଇଟ୍ ଡାଇକ୍ ଠାନେ ସଫେଇ ଅଭିଯାନ୍ କରାଯାଇଥିଲା । ମହାନଦୀ କୁଇଲା କମ୍ପାନୀ ତର୍‌ଫୁ କର୍ମଚାରୀ ଆଉ ଅଧିକାରୀମାନେ ବୁର୍ଲା ମୁଖ୍ୟାଳୟ, ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା ଆର୍ ଅନୁଗୁଲ୍ ଜିଲ୍ଲାର୍ ୧୪ ଟା ଖଣି ଏରିଆ ଆଉ ପର୍ଯ୍ୟଟନ୍ ସ୍ଥଲ୍ ସଫା କରିଥିଲେ ।

ବଲାଙ୍ଗିର୍ ଜିଲ୍ଲାର୍ ପାଟ୍‌ନାଗଡ୍ ଠାନେ ସାଂସଦ୍ ସଙ୍ଗୀତା କୁମାରୀ ସିଂହଦେଓଙ୍କର୍ ସହେତେ ବହୁତ୍‌ଟେ ମହିଳା ମହାଦେବ୍ ଗୁଡ଼ିନୁ ନେଇକରି ମା ନଘରିଆଣି ଗୁଡ଼ିତକ୍ ସଫେଇ ଅଭିଯାନ୍‌ଥି ସାମିଲ୍ ହେଇଥିଲେ । ବଲାଙ୍ଗିର୍, ପାଟ୍‌ନାଗଡ୍, ଟିଟିଲାଗଡ୍ ଆର୍ କଂଟାବାଞ୍ଜି ସହେତେ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ୍ କରାଯାଇଥିଲା ।

ସୁବର୍ଣ୍ଣପୁର୍, ଜିଲ୍ଲା ସଦର୍ ମହକୁମା ସହେତେ ବିନ୍‌କା ଆଉ ତର୍‌ଭା ବାଗିର୍ ସହର୍ ଆର୍ ଗାଁ ମାନ୍‌କେ କେନ୍ଦ୍ରୀୟ ବିଦ୍ୟାଳୟର୍ ଛାତ୍ରଛାତ୍ରୀ, ସାମାଜିକ୍ ଆଉ ଶିକ୍ଷାନୁଷ୍ଠାନ୍ ମାନ୍‌କର୍ ତର୍‌ଫୁ ସ୍ୱଚ୍ଛତା ଅଭିଯାନ୍ କରାଯାଇଥିଲା ।

ଦେବ୍‌ଗଡ଼୍ ଜିଲ୍ଲାର୍ ସଦର୍ ମହକୁମା ଆଉ ତିନ୍‌ହି ବ୍ଲକ୍ ନ ସ୍କୁଲ୍ ଆଉ କଲେଜ୍ ମାନ୍‌କେ ଛାତ୍ରଛାତ୍ରୀମାନେ ସ୍ୱଚ୍ଛତା ଅଭିଯାନ୍‌ଥି ସାମିଲ୍ ହେଇଥିଲେ ।

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ବ୍ଲକ୍‌ର ବେହେରାଗୁଡ଼ା ଠାନେ ସିଆର୍‌ପିଏଫ୍ ବାଟାଲିୟନ୍ ତର୍‌ଫୁ ଆଉ ଭବାନୀପାଟ୍‌ନାର୍ ଦୂର୍‌ଦର୍ଶନ୍ କେନ୍ଦ୍ର ନ କର୍ମଚାରୀ ଆର୍ ଅଧିକାରୀମାନେ ସ୍ୱଚ୍ଛତା ଅଭିଯାନ୍ କରିଥିଲେ ।

ବର୍‌ଗଡ଼୍ ଜିଲ୍ଲା ପାଇକ୍‌ମାଲ୍ ଠାନେ ସିଆର୍‌ପିଏଫ୍ ତର୍‌ଫୁ ଡାକ୍ତର୍‌ଖାନା, ରାସ୍ତା ଆଉ ମନ୍ଦିର୍ ପରିସର୍ ନ ସଫେଇ କାର୍ଯ୍ୟକ୍ରମ୍ କରାଯାଇଥିଲା ।

ଝାର୍‌ସୁଗୁଡ଼ା ରୋଡ଼୍ ରେଲ୍‌ୱେ ଷ୍ଟେସନ୍ ଠାନେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଆଉ ଛାତ୍ରଛାତ୍ରୀମାନେ ସଫେଇ ଅଭିଯାନ୍‌ଥି ସାମିଲ୍ ହେଇଥିଲେ ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଠାନେ ଭାରତୀୟ ଷ୍ଟେଟ୍‌ବେଙ୍କ୍, ମହିଳା କଲେଜ୍, କେନ୍ଦ୍ରୀୟ ବିଦ୍ୟାଳୟ ଆର୍ ଜଙ୍ଗଲ୍ ଆଉ

ପରିବେଶ୍ ବିଭାଗ୍ ତର୍ଫୁ ହେଇଥିବା ସ୍ୱଚ୍ଛତା ଅଭିଯାନ୍‌ଥି ଅଧିକାରୀ ଆର୍ କର୍ମଚାରୀମାନେ ଶ୍ରମଦାନ୍ କରିଥିଲେ ।

ବୌଦ୍ଧ ଜିଲ୍ଲାର୍ ବଲାସିଙ୍ଗା ସହେତେ ଅଲ୍‌ଗା ଜାଗାମାନ୍‌କେ ସିଆର୍‌ପିଏଫ୍‌ର ଅଧିକାରୀ ଆଉ କର୍ମଚାରୀମାନେ ସାଧାରଣ ଲୁକ୍‌କର୍ ସହେତେ ମିଶିକରି ସଫେଇ ଅଭିଯାନ୍ କରିଥିଲେ ।

ଇନ ଜନେଇ ଦିଆଯାଇପାରେ ଯେ, ସ୍ୱଚ୍ଛ ଭାରତ୍ ଅଭିଯାନ୍‌ଥି ଶ୍ରମଦାନ୍ ଜରିଏ ନାଗରିକ୍‌ମାନେ ସାମିଲ୍ ହେବାର୍‌କେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଲା ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଅନୁରୋଧ୍ କରିଥିଲେ । ସହରାଂଚଲ୍ ସ୍ୱଚ୍ଛ ଭାରତ୍ ଅଭିଯାନ୍‌ଥି ଆଏଜ୍ ସଖାଲର୍ ୧୦ ନୁ ୧୧ ବଜେତକ୍ ଘଂଟେ ଲାଗି ଶ୍ରମଦାନ୍ ଅଭିଯାନ୍‌ଥି ସାମିଲ୍ ହେବାର୍‌କେ ସେ ଆହ୍ୱାନ୍ ଦେଇଥିଲେ । ଶ୍ରମଦାନ୍ ଲାଗି ଦେଶର୍ ୬ ଲାଖ୍ ୪୦ ହଜାର୍ ଜାଗାକେ କେନ୍ଦ୍ର ସହରାଂଚଲ୍ ବ୍ୟାପାର୍ ତର୍ଫୁ ଚିହ୍ନଟ୍ କରାଯାଇଥିଲା ।

ଜିଏସ୍‌ଟି ଆର୍‌ଏନ୍‌ୟୁ ସମ୍ବଲ୍‌ପୁର୍

ଦେଶେ ଦ୍ରବ୍ୟ ଆଉ ସେବାକର- ଜିଏସ୍‌ଟି ସଂଗ୍ରହ ଗଲା ସେପ୍ଟେମ୍ବର୍ ମାସେ ରେକର୍ଡ଼ ବୃଦ୍ଧି ହାସଲ୍ କରାଯାଇଛେ । ଅର୍ଥ ମନ୍ତ୍ରଣାଲୟର ସୂଚ୍‌ନା ଅନ୍‌ସାରେ ସେପ୍ଟେମ୍ବର୍ ମାସତକ୍ ୧ ଲାଖ୍ ୬୨ ହଜାର୍ କୋଟି ଟଙ୍କାର ଜିଏସ୍‌ଟି

ସଂଗ୍ରହ କରାଯାଇଛେ । ଜିଏସ୍‌ଟି ସଂଗ୍ରହଥି ଗଲା ଅଗଷ୍ଟ ମାସ୍‌ନୁ ସେପ୍ଟେମ୍ବର୍ ମାସେଁ ୨ ଦଶ୍‌ମିକ୍ ୩ ପ୍ରତିଶତ୍ ବୃଦ୍ଧି ହେଇଛେ । ହେନ୍ତା ଗଲା ଆର୍ଥିକ୍ ବଛର୍ ସେପ୍ଟେମ୍ବର୍ ମାସ୍‌ନୁ ଇଥର ୧୦ ପ୍ରତିଶତ୍ ବୃଦ୍ଧି ହାସଲ୍ ହେଇଛେ । ସେବା ଆମ୍‌ଦାନୀ ସହେତେ ଘରୋଇ କାର୍‌ବାର୍ ଆୟଥି ଗଲା ବଛର୍‌ନୁ ୧୪ ପ୍ରତିଶତ୍ ବଢ଼ିଛେ । ଓଡ଼ିଶା ନ ସେପ୍ଟେମ୍ବର୍ ମାସେ ୧୩ ପ୍ରତିଶତ୍ ବୃଦ୍ଧି ସହେତେ ୪ ହଜାର୍ ୨ ଶହ ୪୯ କୋଟି ଟଙ୍କା ଜିଏସ୍‌ଟି ଆଦାୟ କରାଯାଇଛେ ।

ଆଦିତ୍ୟ ଏଲ୍.ଓ୍ୱାନ୍        ଆର୍‌ଏନ୍‌ୟୁ ସମ୍ବଲପୁର୍

ଭାରତ୍‌ର ପହେଲା ସୌର ମିଶନ୍ ଆଦିତ୍ୟ ଏଲ୍.ଓ୍ୱାନ୍ ପୁର୍‌ଥିନୁ ୯ ଦଶ୍‌ମିକ୍ ୨ ଲାଖ୍ କିଲୋମିଟର୍ ଗତି କର୍‌ବାର୍ ସହେତେ ପ୍ରଭାବ୍ କ୍ଷେତ୍ରକେ ଅତିକ୍ରମ୍ କରିସାରିଛେ । ଇ ବାବ୍‌ଦେ ଇସ୍ରୋ ତର୍‌ଫୁ କୁହାଯାଇଛେ ଯେ, ଇହାଦେ ପୁର୍‌ଥି ଆଉ ସୂର୍ଯ୍ୟ ମଝାଥି ଥିବା ଲାଗ୍ରାଜ୍ ପଏଂଟ୍-୧ ଆଡ଼୍‌କେ ଆଦିତ୍ୟ ଏଲ୍.ଓ୍ୱାନ୍. ବଢୁଛେ ।

ଶିଳ୍ପ ପ୍ରକଳ୍ପ ମଞ୍ଜୁର୍        ଆର୍‌ଏନ୍‌ୟୁ ସମ୍ବଲପୁର

ରାଏଜେ ୩ ହଜାର୍ ୬ ଶହ ୬୩ କୋଟି ଟଙ୍କାଥି ୧୯ ଟା ପ୍ଲାଷ୍ଟିକ୍, ଇସ୍ପାତ୍, ଖାଦ୍ୟ ପ୍ରକ୍ରିୟାକରଣ୍ ଆଉ ପୋଷାକ ତିଆରି ଶିଳ୍ପ ପ୍ରକଳ୍ପ ବସାବାର୍ ପ୍ରସ୍ତାବ୍‌କେ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ ହେଇଥିବା ରାଜ୍ୟସ୍ତରୀୟ ସିଙ୍ଗିଲ୍ ଓ୍ୱିଣ୍ଡୋ କ୍ଲିଅରେନ୍ସ ଅଥରିଟିର୍ ବୈଠକ୍‌ଥି ମଞ୍ଜୁର୍ କରାଯାଇଛେ । ମୁଖ୍ୟ ଶାସନ୍ ସଚିବ୍ ପ୍ରଦୀପ୍ କୁମାର୍ ଜେନାଙ୍କର୍ ଅଧ୍ୟକ୍ଷତା ନ ହେଇଥିବା ବୈଠକ୍‌ଥି ମଞ୍ଜୁର୍ ଶିଳ୍ପମାନ୍‌କର୍ ଜରିଏ ୧୩ ହଜାର୍ ୬ ଶହ ୬୩ କର୍ମନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା । ଇତାର୍‌ଭିତ୍‌ରୁ ସୁନ୍ଦର୍‌ଗଡ୍ ଜିଲ୍ଲା ନ ୭୦ କୋଟି ୩୨ ଲାଖ୍ ଟଙ୍କା ଖର୍ଚ୍ଚା କରାଯାଇକରି ଭିତିଭୂମି ପ୍ରକଳ୍ପ, ୨ ଶହ ୫ କୋଟି ଟଙ୍କାଥି ମକା ପ୍ରକ୍ରିୟାକରଣ୍ ୟୁନିଟ୍ ଆଉ ୩୧ କୋଟି ୮୩ ଲାଖ୍ ଟଙ୍କା ଖର୍ଚ୍ଚା କରାଯାଇକରି ଏଲ୍‌ଏଲ୍‌ପି ଶିଳ୍ପ ଥାପ୍‌ନା କରାଯିବା । ଇ ତିନ୍‌ହି ପ୍ରକଳ୍ପ ଜରିଏ ୯ ଶହ ୩୫ ଝନ୍‌କୁ ନିଯୁକ୍ତି ସୁଯୋଗ୍ ମିଲିପାର୍‌ବା ।

ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ୍ ଆର୍‌ଏନ୍‌ୟୁ

ସମ୍ବଲପୁର୍/ବୌଦ୍ଧ/କଲାହାଣ୍ଡି

ଆଏଜ୍ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ । ୧୯୯୧ ମସିହାନୁ ମିଲିତ୍ ଜାତିସଂଘ ତରଫୁ ବରିଷ୍ଠ ନାଗରିକମାନ୍‌କର୍

ସମସ୍ୟା ଆର୍ ତାର୍ ପ୍ରତିକାର ଲାଗି ଇ ଦିବସ୍ ପାଳନ୍ କରାଯାଉଛେ ।

ଇ ଉଲ୍‌ଗୁନେ ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ନେଲ୍‌ସନ୍ ମଣ୍ଡେଲା ଛକ୍ ଠାନୁ ଚନ୍ଦ୍ରଶେଖର୍ ବେହେରା ଜିଲ୍ଲାସ୍କୁଲ୍‌ତକ୍ ଗୁଟେ ପଦଯାତ୍ରାଥି ବହୁତ୍ ଝନ୍ ବରିଷ୍ଠ ନାଗରିକ୍ ସାମିଲ୍ ହେଇଥିଲେ । ଇତାର୍ ଉତ୍‌ରୁ ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ ଜିଲ୍ଲା ତପସ୍ୱିନୀ ପ୍ରେକ୍ଷାଳୟ ଠାନେ ଗୁଟେ ସଚେତନତା ସଭା କରାଯାଇଥିଲା ।

ବୌଦ୍ଧ ଟାଉନ୍ ହଲ୍ ଠାନେ ହେଇଥିବା ସଭାଥି ଜିଲ୍ଲାପାଳ୍ ନୃସିଂହ ଚରଣ୍ ସାହୁ ୩ ଝନ୍ ଶତାୟୁ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ନୂଆପଡ଼ା ଜିଲ୍ଲାର୍ ଖଡ଼ିଆଲ୍ କଲ୍ୟାଣ୍ ମଣ୍ଡପ୍ ଠାନେ ଇ ଉଲ୍‌ଗୁନେ ବରିଷ୍ଠ ନାଗରିକ୍‌ମାନ୍‌କର୍ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର କରାଯାଇଥିଲା ।

କଳାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ଟାଉନ୍ ହଲ୍ ଠାନେ ସାମାଜିକ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ଗୁଟେ କାର୍ଯ୍ୟକ୍ରମ୍‌ଥି ବରିଷ୍ଠ ନାଗରିକ୍‌ମାନ୍‌କର୍ ମାହାଲିଆ ଆଖି ଆର୍ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।

ମେରୀ ମାଟି ମେରା ଦେଶ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ସମ୍ବଲ୍‌ପୁର୍ ଡାକମଣ୍ଡଲ୍ ତର୍‌ଫୁ ଆଏଜ୍ ମେରୀ ମାଟି ମେରା ଦେଶ୍ କାର୍ଯ୍ୟକ୍ରମ୍ ଅବ୍‌ସରେ ଭିନ୍ ଭିନ୍ ଜାଗାନୁ ମାଟି ଆଉ ଚାଉଲ୍ ସଂଗ୍ରହ କରାଯାଇଛେ । ଇଥି ଡାକ ମଣ୍ଡଲ୍‌ର ଅଧିକାରୀ ଆଉ କର୍ମଚାରୀମାନେ ଠୁଲେଇଥିବା ମାଟି ଆଉ ଚାଉଲ୍‌କେ ଅମୃତ୍ ବାଟିକା ତିଆର୍ କର୍‌ବାର୍ ଲାଗି ଦିଲ୍ଲୀ ପଠାଯିବା ।

ବାସ୍କେଟ୍‌ବଲ୍-ବୌଦ୍ଧ                ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଠାନେ ଚାଲିଥିବା ହାଇସ୍କୁଲ୍ ସ୍ତରୀୟ ବାସ୍କେଟ୍‌ବଲ୍ ପ୍ରତିଯୋଗିତାର ବାଳକା ବିଭାଗ୍‌ଥି ଭୁବ୍‌ନେଶ୍ୱର୍ ଚମ୍ପିଆନ୍ ଆର୍ ଗଞ୍ଜାମ୍ ଦଲ୍ ରନର୍ସ ଅପ୍ ହେଇଛନ୍ । ହେନ୍ତା ବାଳିକା ବିଭାଗ୍‌ଥି କଟକ୍ ଦଲ୍ ଚମ୍ପିଆନ୍ ହେଇଥିବାର୍ ବେଲେ ଭୁବ୍‌ନେଶ୍ୱର୍ ଟିମ୍ ରନର୍ସ ଅପ୍ ହେଇଛନ୍ । ଇଥି ୧୫ ଟା ଜିଲ୍ଲାର୍ ବାସ୍କେଟ୍‌ବଲ୍ ଟିମ୍ ଅଂଶଗ୍ରହଣ୍ କରିଥିଲେ ।

ଦୁର୍ଘଟଣା- ନୂଆପଡ଼ା                ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା କୋମ୍‌ନା ବ୍ଲକ୍‌ର ଲର୍କି ଠାନେ ଆଏଜ୍ ଗୁଟେ ସଡ଼କ୍ ଦୁର୍ଘଟଣାଥି ୩ ଝନ୍‌କର୍ ଜୀବନ୍ ଯାଇଛେ । ଇମାନେ ଗୁଟେ ବାଇକ୍‌ଥି ବଲାଙ୍ଗିର୍ ଜିଲ୍ଲା ଲାଠୋର୍‌ନୁ ନୂଆପଡ଼ାକେ

ଆସୁଥିଲେ । ବାଇକ୍‌ଟା  ଲର୍କି ପମ୍ପ ହାଉସ୍ ନ ପିଟି ହେବାର୍‌ନୁ ଦୁର୍ଘଟଣା ହେଇଥିଲା । ଘଟ୍‌ନା ଜାଗା ନ ଝନ୍‌କର୍ ଜୀବନ୍ ଯାଇଥିବାର୍ ବେଲେ ବାକି ଦୁଇଝନ୍‌କର୍ କୋମ୍‌ନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନ ମୃତ୍ୟୁ ହେଇଥିବାର୍ ଜନାପଡ଼ିଛେ ।

ପାଣିପାଗ ଆର୍‌ଏନ୍‌ୟୁ କଟକ୍

ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ବନିଥିବାର୍ ଲଘୁଚାପ୍‌ର ବଲେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ମଧମ୍‌ନୁ ପ୍ରବଲ୍ ବର୍ଷା ଜାରି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ବୁଧବାର୍‌ତକ୍ ବର୍ଷା ଲାଗି ରହେବା । ଆଏବା କାଏଲ୍‌ତକ୍ ୧୮ ଟା ଜିଲ୍ଲା ନ ଜବର୍ ବର୍ଷା ଆଉ ୭ ଟା ଜିଲ୍ଲା ନ ଅତି ପ୍ରବଲ୍ ବର୍ଷା ହେବା ବଲି ବିଭାଗ୍ ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସେଆଡ଼େ ଦେଶ୍‌ନୁ ମୌସୁମୀ ଫିର୍‌ବାର୍ ପ୍ରକ୍ରିୟା ଜାରି ରହିଛେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍ ଆର୍‌ଏନ୍‌ୟୁ ସମ୍ବଲ୍‌ପୁର୍

ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ଆଏଜ୍ ସଞ୍ଜର୍ ୬ ବଜେ ୬ ଶହ ୨୮ ଦଶ୍‌ମିକ୍ ୨/୩ ଫୁଟ୍ ରହିଥିଲା । ଡେମ୍ କଂଟ୍ରୋଲ୍ ରୁମ୍‌ନୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଇ ସମିଆଥି ୬ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍‌ଥି ୧ ଲାଖ୍ ୩୬ ହଜାର୍ ୭ ଶହ ୧୫ ଘନଫୁଟ୍ ପାଏନ୍ ମହାନଦୀକେ ଛଡ଼ାଯାଉଛେ ଆଉ ଜଲ୍‌ଭଣ୍ଡାର୍‌କେ ଫି ସେକେଣ୍ଡ୍‌ଥି ୧ ଲାଖ୍ ୨୪ ହଜାର୍ ୧୦ ଘନଫୁଟ୍ ପାଏନ ଆସୁଛେ ।